# India and Bhutan sign MoU for developing cooperation in the areas of Environment

June 18, 2021

## ପରିବେଶ ସୁରକ୍ଷା କ୍ଷେତ୍ରରେ ସହଯୋଗ ପାଇଁ ଭାରତ ଓ ଭୁଟାନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

ଜୁନ 18, 2021

ଭାରତ ଓ ଭୁଟାନ ମଧ୍ୟରେ ପରିବେଶ ସୁରକ୍ଷା କ୍ଷେତ୍ରରେ ସହଯୋଗ ପାଇଁ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଭାରତ ପକ୍ଷରୁ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରକାଶ ଜାଭଡେକର ଏବଂ ଭୁଟାନ ପକ୍ଷରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ତଥା ଜାତୀୟ ପରିବେଶ ଆୟୋଗର ଅଧ୍ୟକ୍ଷ ଲିଓନପୋ ଡକ୍ଟର ତାଣ୍ଡି ଡୋର୍ଜି ଏହି ବୁଝାମଣାପତ୍ର ଭରଚୁଆଲ୍ ଉପାୟରେ ସ୍ୱାକ୍ଷର କରିଛନ୍ତି।

ଏହି ଅବସରରେ ଶ୍ରୀ ଜାଭଡେକର କହିଛନ୍ତିଯେ ଜଳବାୟୁ ପରିବର୍ତ୍ତନ ଓ ବର୍ଜ୍ୟବସ୍ତୁ ପରିଚାଳନା ଆଦି କ୍ଷେତ୍ରରେ ଏହି ବୁଝାମଣାପତ୍ର ଦ୍ୱିପାକ୍ଷିକ ସହଯୋଗର ନୂତନ ପଥ ଉନ୍ମୁକ୍ତ କରିବ। ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ସାଙ୍କେତିକ ବୋଲି ବର୍ଣ୍ଣନା କରି ସେ କହିଛନ୍ତିଯେ ଜଳବାୟୁ ପରିବର୍ତ୍ତନ ସମେତ ପରିବେଶ ସମ୍ବନ୍ଧୀୟ ପ୍ରସଙ୍ଗରେ ଭାରତ ଭୁଟାନ ସହ ମିଳିତ ଭାବେ କାର୍ଯ୍ୟ କରିବାକୁ ଚାହୁଁଛି।

ଭାରତୀୟ ଓ ଭୁଟାନ ସହଭାଗୀତା ଏବଂ ସହଯୋଗକୁ ଆହୁରି ବୃଦ୍ଧି କରିବା, ବାୟୁ ପ୍ରଦୂଷଣ ରୋକିବା, ବର୍ଜ୍ୟବସ୍ତୁ ପରିଚାଳନା, ରାସାୟନିକ ପଦାର୍ଥ ପରିଚାଳନା, ଜଳବାୟୁ ପରିବର୍ତ୍ତନ ଆଦି କ୍ଷେତ୍ରରେ ସର୍ବୋତ୍ତମ କାର୍ଯ୍ୟ ପଦ୍ଧତି ଆଦାନ ପ୍ରଦାନ ପାଇଁ ଏହି ବୁଝାମଣାପତ୍ର ହେଉଛି ଏକ ପ୍ଲାଟଫର୍ମ। ଏହା ପାରସ୍ପରିକ ଆଗ୍ରହ କ୍ଷେତ୍ରରେ ମିଳିତ ପ୍ରକଳ୍ପ ଆରମ୍ଭ କରିବାର ସମ୍ଭାବନା ମଧ୍ୟ ପ୍ରଦାନ କରେ। ଏହି ବୁଝାମଣାପତ୍ର ବୈଷୟିକ, ବୈଜ୍ଞାନିକ ଏବଂ ପରିଚାଳନା କ୍ଷମତାକୁ ମଧ୍ୟ ସୁଦୃଢ଼ କରିବ ଏବଂ ଦୁଇ ଦେଶ ମଧ୍ୟରେ ପାରସ୍ପରିକ ଲାଭଦାୟକ ଭାଗିଦାରୀକୁ ପ୍ରୋତ୍ସାହିତ କରିବା ପାଇଁ ପରିବେଶ ସୁରକ୍ଷା କ୍ଷେତ୍ରରେ ସହଯୋଗକୁ ବିସ୍ତୃତ କରିବ।

**ନୂଆଦିଲ୍ଲୀ**

ଜୁନ 18, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.